ଗ୍ରାମୀଣ କୃଷି ମୌଷମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

Deepanjali Dugal,
Jr. Agrometeorologist

## ସପ୍ତାହ ସଂଖ୍ୟା -୧୩

ତାରିଖ : ୨୮.୦୩.୨୦୨୪
(ଗୁରୁବାର)

# ଅନୁଗୁଳ ଜିଲ୍ଲା

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୨.୦୩.୨୦୨୪ ରୁ ୨୮.୦୩.୨୦୨୪)

| | |
|---|---|
| ବୃଷ୍ଟିପାତ (ମି.ମି.) | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୩୦.୦-୩୮.୦ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୭.୦-୨୧.୦ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୨ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 29-03-2024 | 0 | 39 | 20 | 0 | 47 | 15 | 7 | 135 |
| 30-03-2024 | 0 | 39 | 20 | 2 | 55 | 13 | 7 | 191 |
| 31-03-2024 | 1 | 40 | 21 | 4 | 50 | 14 | 9 | 158 |
| 01-04-2024 | 4 | 40 | 22 | 5 | 37 | 14 | 8 | 270 |
| 02-04-2024 | 2 | 40 | 22 | 4 | 37 | 14 | 10 | 283 |

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଅନୁସାରେ ଅନୁଗୁଳ ଜିଲ୍ଲାରେ ଆଗାମୀ ୨ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ଓ ଏହା ପରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଛି । ଆକାଶ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୭- ୧୦ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୯°c-୪୦°c ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୦°c-୨୨°c ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୩୭ ରୁ ୫୫ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୩ ରୁ ୧୫ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ମାଟିର ଗଠନ ଅନୁସାରେ ଗ୍ରୀଷ୍ମ ଋତୁରେ ପ୍ରତି ୭ ଦିନ ଅନ୍ତରରେ ଫସଲରେ ଜଳ ସେଚନ କରନ୍ତୁ ।
- ଫସଲରେ ନିୟମିତ ଭାବେ ରୋଗ ଓ ପୋକର ନିରୀକ୍ଷଣ କରନ୍ତୁ ।

**ଧାନ(ଡାଲୁଆ):**

ମହିଷା ରୋଗର ନିୟନ୍ତ୍ରଣ ପାଇଁ ପ୍ରଥମେ ଆକ୍ରାନ୍ତ ଧାନ କିଆରୀରେ ପାଣି ଜମି ରହୁଥିଲେ ପାଣିକାଟି ଅଳ୍ପ ପାଣି ରଖନ୍ତୁ। ବିଲରୁ ଅନାବନା ଘାସ ବାଛି ଦିଅନ୍ତୁ। ଜୈବିକ ଉପାୟରେ ନିୟନ୍ତ୍ରଣ ପାଇଁ ଲିଟର ପାଣିରେ ୪ ଗ୍ରାମ Trichoderma viridae ମିଶାଇ ପତ୍ର ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହାର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦ ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଆଖୁ:**

ଆଖୁଫସଲରେ ସଅଳ କାଣ୍ଡବିନ୍ଧା ପୋକର ପରିଚାଳନା ପାଇଁ ଗ୍ରୀଷ୍ମଋତୁରେ ନିୟମିତ ଭାବେ ଜଳସେଚନ କରନ୍ତୁ। ମାଟିଶୁଖିଲା ରହିବା ଅନୁଚିତ। ପୋକ ଓ ଅଣ୍ଡା ପୁଞ୍ଜ ଗୁଡିକୁ ହାତରେ ଧରି ନଷ୍ଟ କରିଦିଅନ୍ତୁ । ଆକ୍ରାନ୍ତ ପିଲ ଗୁଡିକୁ ମାଟିତଳୁ କାଟି ଦୂରରେ ନଷ୍ଟ କରି ଦିଅନ୍ତୁ। ପ୍ରଥମ ଥର ହୁଡା ଟେକିବା ସମୟରେ ମାଟିରେ ଏକର ପ୍ରତି ୧୦ କିଲୋଗ୍ରାମ Fipronil ନାମକ ଦାନାଦାର କୀଟନାଶକ, ପ୍ରୟୋଗ କରନ୍ତୁ। ପୋକ ଆକ୍ରମଣ ଅଧିକ ଦେଖାଦେଲେ ଏକର ପ୍ରତି ୬୦୦ ମିଲି Fipronil କିମ୍ବା ୪୦୦ ମିଲି Profenophos କିମ୍ବା ୧୫୦ ମିଲି Chlorantraniliprole ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ରାଶି:**

ଫେବୃଆରୀ ଓ ମାର୍ଚ୍ଚ ମାସ ଖରାଟିଆ ରାଶି ବୁଣିବାର ଉପଯୁକ୍ତ ସମୟ । ଓଡିଶାର ଜଳବାୟୁ ପାଇଁ ଖରାଟିଆ ରାଶିର କିଛି ଉନ୍ନତ କିସମ ଗୁଡିକ ହେଲା ପ୍ରାଚୀ, ନିର୍ମଳା, ଅମ୍ରିତ, ସ୍ମାରକ, OUAT Kalinga sesame-1(Ashrit), ଉଷା, ଉମା, କଳିକା, କନକ ଇତ୍ୟାଦି। ଖରାଟିଆ ଚାଷ ପାଇଁ ଏକର ପ୍ରତି ୨ କିଲୋଗ୍ରାମ ବିହନ ଆବଶ୍ୟକ ହୋଇଥାଏ। ପ୍ରତି କିଲୋଗ୍ରାମ ବିହନରେ ୨ ଗ୍ରାମ Carbendazim ମିଶାଇ ବିହନ ବିଶୋଧନ କରନ୍ତୁ । ମାଟିକୁ ଗୁଣ୍ଡଚାଷ କରି ସମାନ ପରିମାଣର ଗୁଣ୍ଡ ମାଟି ବା ବାଲି ମିଶାଇ ଧାଡି କୁ ଧାଡି ୩୦ ସେଣ୍ଟିମିଟର ବ୍ୟବଧାନରେ ୧ ସେଣ୍ଟିମିଟର ଗଭୀରରେ ବିହନ ବୁଣନ୍ତୁ ।

**ଚିନାବାଦାମ:**

ଚିନାବାଦାମ ଫସଲରେ କାଣ୍ଡପଚା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ମି.ଲି Validamycin କିମ୍ବା ୩୦୦ ଗ୍ରାମ Captan ଓ Hexaconazole ର ମିଶ୍ରିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ମାଟିକୁ ଭଲଭାବରେ ଭିଜାନ୍ତୁ ।

**ନଡିଆ:**

ନଡିଆରେ କାଳିମୁଣ୍ଡି ପୋକର ପରିଚାଳନା ପାଇଁ ବ୍ରାକେନ କାର୍ଡ ଜୈବ ପରୀକ୍ଷାଗାରରୁ ଆଣି ଗଛ ବାହୁଙ୍ଗାରେ ବାନ୍ଧି ଦିଅନ୍ତୁ। ଆକ୍ରାନ୍ତ ବାହୁଙ୍ଗାକୁ କାଟି ପୋଡି ଦିଅନ୍ତୁ। ରାସାୟେିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ପ୍ରତି ୧୦ଲିଟର ପାଣିରେ ୪ମିଲି Chlorantraniliprole କିମ୍ବା ୪ଗ୍ରାମ Emamectin Benzoate ନାମକ କୀଟନାଶକ ମିଶାଇ ପତ୍ର ଉପରେ ସିଂଚନ କରନ୍ତୁ।

**ବାଇଗଣ:**

ବାଇଗଣର ଛୋଟ ପତ୍ର ରୋଗ ମାଇକୋପ୍ଲାଜମା ନାମକ ଏକ ଅଣୁଜୀବ ଜନିତ ରୋଗ। ପତ୍ରଡିଆଁ ପୋକ ଏହି ରୋଗର ବାହକ ଅଟେ । ବାଇଗଣର ଛୋଟପତ୍ର ରୋଗ ପରିଚାଳନା ପାଇଁ ପ୍ରଥମେ ଜମି ରୁ ରୋଗାକ୍ରାନ୍ତ ଗଛ ଗୁଡକୁ ଓପାଡି ଦୂରରେ ପୋତିଦିଅନ୍ତୁ। ଏହି ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୬୦ ଗ୍ରାମ Flonicamid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**କଖାରୁ ଜାତୀୟ ପନିପରିବା:**

ବର୍ତମାନର ଶୁଖିଲା ପାଗରେ କଖାରୁ ଜାତୀୟ ପନିପରିବାରେ କଙ୍କେଡିଆ ପୋକ ଲାଗିବାର ସମ୍ଭାବନା ଅଛି । ଏହାର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣିରେ ୩ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ Azadirachtin କୁ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ପ୍ରତି ଲିଟର ପାଣି ରେ ୨ ମିଲି Chlorpyriphos ନାମକ କୀଟନାଶକ କିମ୍ବା ୨ ମିଲି Profenophos ନାମକ କୀଟନାଶକ ମିଶାଇ ସିଂଚନ କରନ୍ତୁ।

**ଭେଣ୍ଡି:**

ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ ଧଳାମାଛି ର ନିୟନ୍ତ୍ରଣ ନିହାତି ଜରୁରୀ । ସାହେବୀ ଆକ୍ରାନ୍ତ ଗଛ ଗୁଡିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ppm କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ପୋକ ର ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ଗ୍ରାମ Acetamiprid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ଵାରା ସ୍ଵୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**